# ପୁରୁଷୋତ୍ତମ କ୍ଷେତ୍ରରେ ଯାତ୍ରୀ ପରିଚର୍ଯ୍ୟା ଅତୀତ ଓ ବର୍ତ୍ତମାନ

ଡକ୍ଟର ଉମେଶଚନ୍ଦ୍ର ଚିହ୍ନରା

**ଭା**ରତବର୍ଷରେ ପ୍ରସିଦ୍ଧିଲାଭ କରିଥିବା ଚତୁର୍ଦ୍ଧାମ ମଧ୍ୟରୁ ଶ୍ରୀକ୍ଷେତ୍ର ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରେ । ଭାରତବର୍ଷର ଏହି ଚାରିଗୋଟି ଧାମରେ ବିଷ୍ଣୁ ଯୁଗାନୁସାରୀ ଚାରୋଟି ନାମ ଗ୍ରହଣ କରି ଅବସ୍ଥାନ କରିଅଛନ୍ତି । ହିନ୍ଦୁଶାସ୍ତ୍ରରେ ଚାରିଯୁଗର ପରିକଳ୍ପନା ସହିତ ବିଷ୍ଣୁଙ୍କର ଆରାଧନା ପାଇଁ ଭାରତବର୍ଷର ଚାରିଗୋଟି ଦିଗରେ ଚାରୋଟି ସ୍ଥାନ ନିରୂପଣ କରାଯାଇ ମନ୍ଦିରମାନ ପ୍ରତିଷ୍ଠା କରାଯାଇଅଛି । ଅଷ୍ଟମ ଶତାବ୍ଦୀର ଅଦ୍ୱୈତବାଦୀ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସମଗ୍ର ଭାରତବର୍ଷ ପର୍ଯ୍ୟଟନ ସମୟରେ ଏହି ସ୍ଥାନମାନଙ୍କରେ ମଠମାନ ସ୍ଥାପନ କରିଥିଲେ । ଏହିସବୁ ମଠ ବ୍ରହ୍ମୋପଲବ୍ଧିର ସାଧନ କ୍ଷେତ୍ର ଥିଲା । ଉପନିଷଦୀୟ ଚିନ୍ତା ଚେତନାକୁ ଗ୍ରହଣ କରି ଚତୁର୍ଦ୍ଧାମରେ ବ୍ରହ୍ମଙ୍କର ସ୍ୱରୂପ ସେ ନିରୂପଣ କରିଥିଲେ ।



ପ୍ରଥମତଃ ସତ୍ୟଯୁଗର ଦେବତା ଭାବରେ ଉତ୍ତର ଦିଗରେ ବଦ୍ରିନାଥ ବିରାଜମାନ । ଏହାକୁ ବଦ୍ରିକାଶ୍ରମ କୁହାଯାଇଥାଏ । ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଏଠାରେ ଯେଉଁ ମଠ ପ୍ରତିଷ୍ଠିତ ତା'ର ନାମ ଜ୍ୟୋତିର୍ମଠ । ଉପନିଷଦୀୟ ଆପ୍ତବାକ୍ୟ 'ଅୟମାତ୍ମା ବ୍ରହ୍ମ' ଭାବରେ ବଦ୍ରିନାଥ ପ୍ରକାଶିତ । ଦ୍ୱିତୀୟରେ ତ୍ରେତୟା ଯୁଗର ଦେବତା ପ୍ରଭୁ ରାମଚନ୍ଦ୍ରଙ୍କ ନାମାନୁସାରେ ରାମେଶ୍ୱର ପୀଠ ଅବସ୍ଥିତ । ଏଠାରେ ତାଙ୍କ ଦ୍ୱାରା ସ୍ଥାପିତ ମଠର ନାମ ହେଉଛି ଶୃଙ୍ଗେରୀ ମଠ । ଭଗବାନ ବିଷ୍ଣୁ ଏଠାରେ 'ଅହଂବ୍ରହ୍ମାସ୍ମି' ସ୍ୱରୂପରେ ପ୍ରକାଶିତ । ତୃତୀୟରେ ଦ୍ୱାପର ଯୁଗର ଦେବତା ଶ୍ରୀକୃଷ୍ଣ ପଶ୍ଚିମ ଦିଗରେ ଦ୍ୱାରକାଠାରେ ଦ୍ୱାରକାନାଥ ଭାବରେ ବିରାଜିତ । ଏଠାରେ ସ୍ଥାପିତ ହୋଇଥିବା ମଠର ନାମ ଶାରଦା ମଠ । ଉପନିଷଦୀୟ ଆପ୍ତବାକ୍ୟ ଅନୁସାରେ ବିଷ୍ଣୁଙ୍କର 'ତତ୍ତ୍ୱମସି' ସ୍ୱରୂପ ପ୍ରକାଶିତ । ଚତୁର୍ଥରେ କଳିଯୁଗର ବିଷ୍ଣୁ ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ ପୂର୍ବଦିଗରେ ମହୋଦଧି କୂଳରେ ନୀଳାଚଳ କ୍ଷେତ୍ରରେ ବିରାଜିତ । ଏ କ୍ଷେତ୍ରର ଅନ୍ୟନାମ ପୁରୁଷୋତ୍ତମ କ୍ଷେତ୍ର ଏବଂ ବିଷ୍ଣୁ ପୁରୁଷୋତ୍ତମ ନାମରେ ପରିଚିତ । ଏଠାରେ ସ୍ଥାପିତ ମଠକୁ ଶଙ୍କରାଚାର୍ଯ୍ୟ 'ଭୋଗ ବର୍ଦ୍ଧନ ମଠ' ନାମରେ ନାମିତ କରି ଉପନିଷଦୀୟ ଚେତନାରେ 'ପ୍ରଜ୍ଞାନଂବ୍ରହ୍ମ'ର କ୍ଷେତ୍ର ବୋଲି କହିଛନ୍ତି । କେବଳ ସେତିକି ନୁହେଁ, ତାଙ୍କ ଦର୍ଶନରେ ପରଂବ୍ରହ୍ମ ସ୍ୱରୂପୀ ବିଷ୍ଣୁ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ସ୍ନାନ, ଶୃଙ୍ଗାର, ଭୋଜନ ଓ ଶୟନ ଯଥାକ୍ରମେ ବଦ୍ରିକା, ଦ୍ୱାରକା, ଶ୍ରୀକ୍ଷେତ୍ର ଏବଂ ରାମେଶ୍ୱରଠାରେ କରିଥାନ୍ତି ବୋଲି କଳ୍ପନା କରିଛନ୍ତି । ଅର୍ଥାତ୍, ବଦ୍ରିକାଶ୍ରମରେ ବିଷ୍ଣୁ ସ୍ନାନ କରି ଦ୍ୱାରକାରେ ବସ୍ତ୍ର ପରିଧାନ କରିଥାନ୍ତି ଏବଂ ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ରରେ ଭୋଜନ କରି ରାମେଶ୍ୱରଠାରେ ଶୟନ କରନ୍ତି । ଏହା ସହିତ ଏହି ଚାରିଧାମକୁ ଯଥାକ୍ରମେ ତ୍ୟାଗ, ଐଶ୍ୱର୍ଯ୍ୟ, ଭୋଗ ଏବଂ କର୍ମର କ୍ଷେତ୍ର ବୋଲି କହିଛନ୍ତି ।

ଏହିସବୁ ଦୃଷ୍ଟିରୁ ବିଚାର କଲେ କଳିଯୁଗରେ ପରଂବ୍ରହ୍ମ ପରମାତ୍ମା ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ରୂପରେ ଶ୍ରୀକ୍ଷେତ୍ରରେ ବିରାଜିତ । ତାଙ୍କରି ଦର୍ଶନ ଉଦ୍ଦେଶ୍ୟରେ କେଉଁ ସ୍ମରଣାତୀତ କାଳରୁ ଅଗଣିତ ଭକ୍ତ, ସାଧୁ, ସନ୍ଥ ଏବଂ ସାଧକମାନଙ୍କର ଆଗମନ ଏହି କ୍ଷେତ୍ରକୁ ହୋଇଆସିଅଛି । ଏହି ପବିତ୍ର ତୀର୍ଥ କ୍ଷେତ୍ର ଏଭଳି ଏକ ଭୌଗଳିକ ଭୂଖଣ୍ଡରେ ଅବସ୍ଥିତ ଯେ, କେବଳ ତୀର୍ଥଯାତ୍ରୀ ନୁହଁନ୍ତି, ଅଗଣିତ ପର୍ଯ୍ୟଟକ ମଧ୍ୟ ଆକର୍ଷିତ ହୋଇ ଆସିଥାନ୍ତି । ପୂର୍ବତଟରେ ଅଗଭୀର ବଙ୍ଗୋପସାଗର ଏବଂ ତା'ର ସ୍ୱର୍ଣ୍ଣ ବାଲୁକା ସଦୃଶ ସୁ-ବିସ୍ତୀର୍ଣ୍ଣ ବେଳାଭୂମି । ଦିଗନ୍ତ ବିସ୍ତାରୀ ସମୁଦ୍ରର ନୀଳ ଜଳରାଶି, ବେଳାଭୂମିରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ । ସର୍ବୋପରି ଅନୁପମ କାରୁକାର୍ଯ୍ୟପୂର୍ଣ୍ଣ ଶ୍ରୀମନ୍ଦିର ସମସ୍ତ ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କୁ ଆକର୍ଷିତ କରି ଆସିଅଛି । ସୁତରାଂ କେବଳ ଆଧାତ୍ମିକ ଦୃଷ୍ଟିକୋଣରୁ ନୁହେଁ ବରଂ ମନୋରଂଜନ ପାଇଁ ଭାରତ ତଥା ପୃଥିବୀର କୋଣ ଅନୁକୋଣରୁ ବହୁଯାତ୍ରୀ ବର୍ଷସାରା ଏହି କ୍ଷେତ୍ରକୁ ଆଗମନ କରିଥାନ୍ତି ।

ବହୁ ପୁରାଣ, ଶାସ୍ତ୍ରମାନଙ୍କରେ ଏହି କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରାଯାଇଅଛି । କଳିଯୁଗରେ ସ୍ୱୟଂ ବିଷ୍ଣୁ ଦାରୁବ୍ରହ୍ମ ରୂପରେ ଏଠାରେ ବିରାଜମାନ କରିଥିବାରୁ ତୀର୍ଥାଟନରେ ଭାରତର ବିଭିନ୍ନ ତୀର୍ଥ ପରିଭ୍ରମଣ କରି ତୀର୍ଥ ଯାତ୍ରୀ ଏହି କ୍ଷେତ୍ର ଦର୍ଶନ କରିବାର ବିଧି ଶାସ୍ତ୍ରସମ୍ମତ ହୋଇଅଛି । ସମସ୍ତ କ୍ଷେତ୍ର ମଧ୍ୟରେ ଏଥିପାଇଁ ଏହି ପୁରୁଷୋତ୍ତମ କ୍ଷେତ୍ରକୁ ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇ କୁହାଯାଇଅଛି ଯେ-

'ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମ
ସର୍ବେଷାଂ ସର୍ବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମ ।'

ବର୍ଷର ଭିନ୍ନ ଭିନ୍ନ ସମୟରେ ତୀର୍ଥଯାତ୍ରୀମାନେ ଏହି କ୍ଷେତ୍ରକୁ ଆସିବାର ଅନ୍ୟ ଏକ କାରଣ ହେଉଅଛି ଯେ ଶ୍ରୀଜଗନ୍ନାଥଙ୍କର ବାରମାସରେ ଅନୁଷ୍ଠିତ ହେଉଥିବା ଭିନ୍ନ ଭିନ୍ନ ପର୍ବପର୍ବାଣି । ପର୍ବପର୍ବାଣିକୁ ଉପଭୋଗ କରିବା ସହିତ ମହାପ୍ରସାଦ ସେବନ କରି କୃତାର୍ଥ ଲାଭ କରିବା ତୀର୍ଥଯାତ୍ରୀଙ୍କର ଏକ ଅଦମ୍ୟ ଲାଳସା ହୋଇଥାଏ । ଏଣୁ ଏ କ୍ଷେତ୍ରକୁ ଭୋଗ କ୍ଷେତ୍ର ନାମରେ ନାମିତ ମଧ୍ୟ କରାଯାଇଅଛି । ଭାରତର ସବୁ ଧାମ ମଧ୍ୟରେ ଏହି ଧାମର ଗୁରୁତ୍ୱ ସର୍ବାଧିକ ଥିବାରୁ ଯାତ୍ରୀ ପୁରୁଷୋତ୍ତମ ଧାମରେ ଶ୍ରୀବିଷ୍ଣୁଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମଣିଥାଏ । ଏଥିପାଇଁ ପ୍ରାଚୀନକାଳରୁ ବହୁ ଧର୍ମଗୁରୁ, ସାଧୁସନ୍ଥଙ୍କୁ ଏ କ୍ଷେତ୍ରର ଆକର୍ଷଣ ଏଠାକୁ ଟାଣି ଆଣିଅଛି । ସେମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କରିଠାରେ ନିଜ ନିଜର ଇଷ୍ଟଙ୍କୁ ପାଇ ପାରିଛନ୍ତି । ନିଜ ନିଜର ଦର୍ଶନକୁ ମଧ୍ୟ ମହାପ୍ରଭୁଙ୍କ ମହାଚେତନାରେ ମିଶାଇ ଦେଇ ଏକାକାର ହୋଇଯାଇଛନ୍ତି । ପ୍ରଭୁଙ୍କ ଉଦ୍ଦେଶ୍ୟରେ ସେବା ପୂଜାର ଲକ୍ଷ୍ୟ ନେଇ ଏଠାରେ ନିଜ ନିଜ ସଂପ୍ରଦାୟର ମଠ ତଥା ଆଶ୍ରମମାନ ପ୍ରତିଷ୍ଠା କରି ଯାଇଛନ୍ତି । ଏହି ମଠ ଏବଂ ଆଶ୍ରମମାନ ଭାରତର କୋଣ ଅନୁକୋଣରୁ ଆସୁଥିବା ଯାତ୍ରୀମାନଙ୍କର ସାମୟିକ ଅବସ୍ଥାନର କ୍ଷେତ୍ର ହୋଇ ଉଠିଛି । ଅତୀତରେ ତୀର୍ଥଯାତ୍ରୀମାନଙ୍କର ପରିଚର୍ଯ୍ୟାର ପ୍ରଥମ ସ୍ଥାନ ଭାବରେ ମଠ ଏବଂ ଆଶ୍ରମମାନେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଅଛନ୍ତି । ତୀର୍ଥଯାତ୍ରୀମାନଙ୍କର ଆଶ୍ରୟ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ତଥା ମହାପ୍ରସାଦ ସେବନର ସୁବନ୍ଦୋବସ୍ତ ମଧ୍ୟ କରାଯାଇଅଛି । ସୁତରାଂ ଅତୀତରେ ମଠ ଏବଂ ଆଶ୍ରମମାନେ ହିଁ ତୀର୍ଥ ଯାତ୍ରୀ ପରିଚର୍ଯ୍ୟାର ପ୍ରଥମ ସ୍ଥାନ ଭାବରେ ପରିଗଣିତ ହୋଇଅଛି । ମଠ ଓ ଆଶ୍ରମ ବ୍ୟତୀତ ବହୁ ଧନାଢ଼୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ନିର୍ମିତ ଧର୍ମଶାଳା ମଧ୍ୟ ତୀର୍ଥଯାତ୍ରୀମାନଙ୍କ ପରିଚର୍ଯ୍ୟା ପାଇଁ ସାହାଯ୍ୟ କରୁଥିଲା ।

ପରବର୍ତ୍ତୀ ସମୟରେ ଶ୍ରୀଜଗନ୍ନାଥ ବହୁ ଧର୍ମଯାଜକମାନଙ୍କ ଇଷ୍ଟ ଦେବତାରେ ପରିଗଣିତ ହେଲେ । ଫଳତଃ ସେହି ସଂପ୍ରଦାୟର ରୀତିନୀତି ଓ ସେବା ପୂଜା ପ୍ରଭୁଙ୍କର ଦୈନିକ ଏବଂ ବିଶେଷ ଦିନମାନଙ୍କର ନୀତିରେ ସଂଯୋଜିତ ହେଲା । ଏହିସବୁ ସେବା ପୂଜା ପାଇଁ ସେବାୟତମାନଙ୍କର ଆବଶ୍ୟକତା ବଢ଼ି ଚାଲିଲା । ଏଠାରେ ଗୋଟିଏ କଥା କହିବା ଯୁକ୍ତିଯୁକ୍ତ ଯେ ପ୍ରଭୁଙ୍କର ସେବା ପୂଜାରେ ନିୟୋଜିତ ବ୍ୟକ୍ତିବିଶେଷଙ୍କୁ ପୂଜକ କୁହାନଯାଇ ଏଠାରେ ସେବାୟତ କୁହାଯାଇଥାଏ । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି କାଳକ୍ରମେ ପ୍ରଭୁଙ୍କ ସେବାରେ ଛତିଶ ନିଯୋଗଙ୍କୁ ବିଭିନ୍ନ ସେବାରେ ନିୟୋଜନ କରାଗଲା ।

ଅତୀତରେ ଏ କ୍ଷେତ୍ରକୁ ଆସୁଥିବା ଲୋକେ ମୁଖ୍ୟତଃ ତୀର୍ଥଯାତ୍ରୀ ଥିଲେ । କାରଣ ଧର୍ମ ଅର୍ଜନ କରିବା ଏମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ସୁତରାଂ ଏକ ନିର୍ଦ୍ଦିଷ୍ଟ ବୟସ ଏବଂ ବର୍ଗର ଲୋକେ ବହୁକଷ୍ଟ ସ୍ୱୀକାର ପୂର୍ବକ ଏ କ୍ଷେତ୍ରକୁ ଆସୁଥିଲେ । ଅତୀତରେ ଗମନାଗମନର ସେଭଳି ସୁବିଧା ସୁଯୋଗ ନଥିଲେ ମଧ୍ୟ ବହୁ ପ୍ରତିବନ୍ଧକକୁ ଅତିକ୍ରମ କରି ଯାତ୍ରୀମାନେ ଏଠାକୁ ଆସୁଥିଲେ । ଏହିସବୁ ତୀର୍ଥଯାତ୍ରୀମାନଙ୍କର ଭାର ସେବାୟତମାନେ ଗ୍ରହଣ କରୁଥିଲେ । ଭାରତର ଭିନ୍ନ ଭିନ୍ନ ଭୌଗଳିକ ପରିସୀମା ଅନ୍ତର୍ଗତ ତୀଥଯାତ୍ରୀଙ୍କୁ ସେବାୟତ ସଂପ୍ରଦାୟ ପରିଚର୍ଯ୍ୟା ପ୍ରଦାନ ପୂର୍ବକ ନିଜର କରି ନେଉଥିଲେ । ଏଥିପାଇଁ ସେହି ଅଞ୍ଚଳରୁ ଆସୁଥିବା ତୀର୍ଥଯାତ୍ରୀ ପୂର୍ବ ପରିଚିତ ସେବାୟତ (ପଣ୍ଡା)ଙ୍କୁ ଖୋଜୁଥିଲେ । ଯାତ୍ରୀମାନଙ୍କର ରହିବା, ଖାଇବା ସହିତ ଶ୍ରୀଜଗନ୍ନାଥଙ୍କର ଦର୍ଶନ କରାଇ ଦେବାର ଯାବତୀୟ ବ୍ୟବସ୍ଥା ସେମାନେ କରାଇ ଦେଉଥିଲେ । ଯାତ୍ରୀ ଖୁସି ହୋଇ ସେବାୟତଙ୍କୁ ପାରିଶ୍ରମିକ ପ୍ରଦାନ କରୁଥିଲେ । ଭାରତର ବିଭିନ୍ନ ଅଞ୍ଚଳର ଯାତ୍ରୀ ଏକ ଏକ ନିର୍ଦ୍ଦିଷ୍ଟ ସେବାୟତ ଗୋଷ୍ଠୀଙ୍କର ଅନ୍ତର୍ଭୁକ୍ତ ହୋଇ ରହିଗଲେ । ଏହି ଯାତ୍ରୀ ବ୍ୟବସାୟ ପୁରୁଷାନୁକ୍ରମେ ସେବାୟତ ସଂପ୍ରଦାୟ ମଧ୍ୟରେ ପ୍ରଚଳିତ ହୋଇଆସିଅଛି ଏବଂ ଏଥିନିମିତ୍ତ ଏକ ସିରସ୍ତା ଉପଯୋଗ ହୋଇଆସୁଅଛି ।

ସାଂପ୍ରତିକ କାଳରେ ଶ୍ରୀକ୍ଷେତ୍ର ପର୍ଯ୍ୟଟନସ୍ଥଳୀ ଭାବରେ ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ମାନ୍ୟତା ପାଇପାରିଅଛି । ଅଧୁନା ଏ କ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ସହିତ ଏହାର ଅନତି ଦୂରରେ ଥିବା ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିଅଛି । ଏକ ନିର୍ଦ୍ଦିଷ୍ଟ ବର୍ଗ ବ୍ୟକ୍ତିଙ୍କ ସହିତ ଅନ୍ୟାନ୍ୟ ସବୁ ବର୍ଗର ଲୋକେ ବର୍ଷସାରା ଏହି କ୍ଷେତ୍ରକୁ ଆସି ଥାଆନ୍ତି । ତୀଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ଆଗମନ ଯୋଗୁଁ ଏଠାର ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ଅଭିବୃଦ୍ଧି ସାଧିତ ହୋଇପାରିଅଛି । ଗମନାଗମନର ସୁବିଧା, ରହିବା, ଖାଇବା ସହିତ ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିବାର ସୁ-ବ୍ୟବସ୍ଥା ଏଠାରେ ବର୍ତ୍ତମାନ ଉପଲବ୍ଧ ହୋଇପାରୁଅଛି । ରାଜ୍ୟ ସରକାର ପର୍ଯ୍ୟଟନକୁ ଶିଳ୍ପର ମାନ୍ୟତା ପ୍ରଦାନ କରି ହୋଟେଲ ଶିଳ୍ପକୁ ପ୍ରୋତ୍ସାହନ ଯୋଗାଇ ଅଛନ୍ତି । ଫଳତଃ ପର୍ଯ୍ୟଟକମାନଙ୍କର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଏଠାରେ ବହୁ ହୋଟେଲ ଗଢ଼ି ଉଠି ଅଛି । ହୋଟେଲର ମାଲିକମାନେ ଯାତ୍ରୀମାନଙ୍କର ନିରାପତ୍ତା, ରହିବା ଓ ପରିଭ୍ରମଣର ସମସ୍ତ ବନ୍ଦୋବସ୍ତ କରି ଦେଉଛନ୍ତି । ଏଥିପାଇଁ କେବଳ ଆଧାତ୍ମିକ ଶାନ୍ତି ଲାଭ ନୁହେଁ

ବରଂ ପରିଭ୍ରମଣର ଆନନ୍ଦ ଉପଭୋଗ କରିବାର ମାନସିକତା ନେଇ ଏଠାକୁ ଯାତ୍ରୀ ଆସୁଅଛନ୍ତି । ଏହିସବୁ ସୁବିଧା ସୁଯୋଗକୁ ଉପଭୋଗ କରିବା ପାଇଁ ବର୍ଷ ତମାମ ଏଠାକୁ ଯାତ୍ରୀମାନଙ୍କର ଭିଡ଼ ଲାଗି ରହିଥାଏ । ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଅପେକ୍ଷାକୃତ କମ୍ ଅପରାଧ ପ୍ରବଣ ରାଜ୍ୟ । ନିରାପତ୍ତା ଦୃଷ୍ଟିରୁ ଏବଂ ବ୍ୟୟ ସ୍ୱଳ୍ପତା ଦୃଷ୍ଟିରୁ ଶ୍ରୀକ୍ଷେତ୍ର ଯାତ୍ରୀମାନଙ୍କୁ ଆକର୍ଷିତ କରିଥାଏ । ସାଂପ୍ରଦାୟିକ ବିଦ୍ୱେଷ ରହିତ ଏହି ରାଜ୍ୟର ଅଧିବାସୀମାନଙ୍କର ବ୍ୟବହାରରେ ଆନ୍ତରିକତା, ଆତ୍ମୀୟତା ଏବଂ ବିଶ୍ୱସନୀୟତା ଯୋଗୁଁ ଏହି ସ୍ଥାନକୁ ଆଗନ୍ତୁକମାନଙ୍କର ଆଗମନ ଦିନକୁ ଦିନ ବଢ଼ି ଚାଲିଛି ।

ଶ୍ରୀକ୍ଷେତ୍ରର ଅତୀତ ଓ ବର୍ତ୍ତମାନ ପରିଚର୍ଯ୍ୟା କଥା ତୁଳନା କଲେ ଆମ୍ଭେ ଦେଖୁଁ ଯେ ଅତୀତରେ କେବଳ ସେବାୟତ ସଂପ୍ରଦାୟ ନିଜେ ଏବଂ ନିଜର ଗୁମାସ୍ତାମାନଙ୍କୁ ନିଯୁକ୍ତ କରି ତୀର୍ଥଯାତ୍ରୀଙ୍କ ପରିଚର୍ଯ୍ୟା ସଂପାଦନ କରୁଥିଲେ । କିନ୍ତୁ ସାଂପ୍ରତିକ କାଳରେ ତୀର୍ଥଯାତ୍ରୀମାନଙ୍କ ସହିତ ପର୍ଯ୍ୟଟକମାନଙ୍କର ସଂଖ୍ୟା ବହୁଗୁଣରେ ବୃଦ୍ଧି ପାଇ ଚାଲିଅଛି । ସେମାନଙ୍କର ଆବଶ୍ୟକତାକୁ ଚାହିଁ ସମୁଦ୍ର ବେଳାଭୂମି ଏବଂ ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ହୋଟେଲ ଶିଳ୍ପର ଅଭିବୃଦ୍ଧି ମଧ୍ୟ ହୋଇଅଛି । ଏହି ସବୁ ଶ୍ରେଣୀର ଆଗନ୍ତୁକ ଯାତ୍ରୀମାନଙ୍କୁ କେବଳ ସେବାୟତ ଶ୍ରେଣୀ ନୁହନ୍ତି, ହୋଟେଲ ମାଲିକମାନେ ସେମାନଙ୍କ ସୁଖ ସୁବିଧା ପାଇଁ ଅନ୍ୟ କର୍ମଚାରୀ ନିୟୋଜିତ କରିଅଛନ୍ତି । ଯେଉଁମାନେ କେବଳ ତୀର୍ଥଯାତ୍ରୀ ଭାବରେ ଏ କ୍ଷେତ୍ରକୁ ଆସନ୍ତି, ସେମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ତଥା ଶ୍ରୀକ୍ଷେତ୍ରର ଅଧିଷ୍ଠିତ ଦେବଦେବୀଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ଫେରି ଯାଆନ୍ତି । ଦ୍ୱିତୀୟ ଶ୍ରେଣୀ ଯାତ୍ରୀ ଉଭୟ ଶ୍ରୀଜୀଉଙ୍କ ଦର୍ଶନ, ପୂଜାର୍ଚ୍ଚନା ସହିତ ଶ୍ରୀକ୍ଷେତ୍ରର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୁଦ୍ର ବେଳାଭୂମି ଏବଂ ଏହାର ଅନତିଦୂରରେ ଥିବା ଚିଲିକା, କୋଣାର୍କ, ଖଣ୍ଡଗିରି, ଉଦୟଗିରି, ଧଉଳିଗିରି, ନନ୍ଦନକାନନ ଇତ୍ୟାଦି ଦର୍ଶନୀୟ ସ୍ଥାନ ପରିଦର୍ଶନ କରିଥାଆନ୍ତି । ଏହି ଶ୍ରେଣୀୟ ଯାତ୍ରୀଙ୍କୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ପର୍ଯ୍ୟାୟଭୁକ୍ତ କରାଯାଇପାରିବ । ଏହି ଆଗନ୍ତୁକଙ୍କ ପରିଚର୍ଯ୍ୟା ପାଇଁ ଏମାନେ ସେବାୟତ ଏବଂ ରହୁଥିବା ହୋଟେଲମାନଙ୍କ ଉପରେ ନିର୍ଭର କରିଥାନ୍ତି । ଧାର୍ମିକ ଭାବନା ସହିତ ମନୋରଂଜନ ଏମାନଙ୍କର ଅଭିଳାଷ ଥାଏ । ତୃତୀୟ ଶ୍ରେଣୀ ଆଗନ୍ତୁକ କେବଳ ପର୍ଯ୍ୟଟନ ଉଦ୍ଦେଶ୍ୟରେ ଏଠାକୁ ଆସିଥାଆନ୍ତି । ସମୁଦ୍ର ବେଳାଭୂମି, ସୂର୍ଯ୍ୟାସ୍ତ, ସୂର୍ଯ୍ୟୋଦୟ, କୋଣାର୍କ, ଚିଲିକା, ନନ୍ଦନକାନନ ଇତ୍ୟାଦି ସ୍ଥାନ ପରିଭ୍ରମଣ ସହ ସମ-ଶୀତୋଷ୍ଣ ବାୟୁମଣ୍ଡଳରେ ଏବଂ ସମୁଦ୍ର କୂଳରେ କିଛିଦିନ ରହିବା ଉଦ୍ଦେଶ୍ୟରେ ହିଁ ଏମାନଙ୍କର ଆଗମନ ହୋଇଥାଏ । ହୋଟେଲମାନଙ୍କରେ ଯୋଗା ଯାଉଥିବା ସୁବିଧା ସୁଯୋଗ କେବଳ ଏମାନେ ଉପଭୋଗ କରିଥାନ୍ତି ।

କୌଣସି ରାଜ୍ୟର ଶିକ୍ଷା, ସଭ୍ୟତା, ସଂସ୍କୃତିର ପ୍ରଚାର ଓ ପ୍ରସାରର ପ୍ରକୃଷ୍ଟ ମାଧ୍ୟମ ହେଉଅଛି ଯାତ୍ରୀ ପରିଚର୍ଯ୍ୟା । ଗୋଟିଏ ରାଜ୍ୟର ସଭ୍ୟତା ଓ ସଂସ୍କୃତି ବାହ୍ୟ ପ୍ରଚାର ଏବଂ ପ୍ରସାର ଦ୍ୱାରା ଅନ୍ୟ ରାଜ୍ୟକୁ ପ୍ରଭାବିତ କରିଥାଏ । ଆମ ରାଜ୍ୟର ସଭ୍ୟତା ଓ ସଂସ୍କୃତି କହିଲେ ଶ୍ରୀକ୍ଷେତ୍ରର ସଭ୍ୟତା ସଂସ୍କୃତିକୁ ବୁଝାଇଥାଏ । ଶ୍ରୀଜଗନ୍ନାଥ, ସମୁଦ୍ର ବେଳାଭୂମି, କୋଣାର୍କ ଆଦି ଦର୍ଶନୀୟ ସ୍ଥାନ ଯୁଗେ ଯୁଗେ ବହିରାଗତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ଆସିଅଛି । ଏଣୁ ଏ ଜାତିର ଲୋକେ ଜଗନ୍ନାଥ ଦେଶର ଲୋକ ବୋଲି ଅନ୍ୟତ୍ର ମାନ୍ୟତା ପାଇଥାନ୍ତି । ଆତିଥେୟତାର ଚରମ ତଥା ବଳିଷ୍ଠ ନିଦର୍ଶନ ଏହି କ୍ଷେତ୍ରରୁ ମିଳିଥାଏ । ଆଗନ୍ତୁକମାନଙ୍କୁ 'ଅତିଥି ଦେବୋ ଭବଃ' ଜ୍ଞାନରେ ଏ ଜାତି ସେମାନଙ୍କର ପରିଚର୍ଯ୍ୟା କରିଆସିଅଛି । ଏଥିରେ ଦେବତା ଜ୍ଞାନର ସମ୍ମାନ, ସଂଭ୍ରମବୋଧ ଯେତିକି ପରିମାଣରେ ନିହିତ, ଆତ୍ମୀୟତା, ଆନ୍ତରିକତା, ବିଶ୍ୱାସନୀୟତା ତଥା ନିଷ୍ଠା ସେତିକି ପରିମାଣରେ ପ୍ରକାଶିତ । କେଉଁ ସ୍ମରଣାତୀତ କାଳରୁ ଶ୍ରୀଜଗନ୍ନାଥ ଯେମିତିକି ଏହି ଭାବ ଓ ଭାବନାକୁ ଏ ଜାତିର ଅସ୍ଥି ମଜ୍ଜାଗତ କରି ଦେଇଛନ୍ତି । ଅତଏବ ପ୍ରଭୁ ଶ୍ରୀଜଗନ୍ନାଥ ଯେତେ ଦିନ ପର୍ଯ୍ୟନ୍ତ ବିରାଜମାନ କରିଥିବେ, ସେତେ ଦିନ ପର୍ଯ୍ୟନ୍ତ ଆଗନ୍ତୁକମାନଙ୍କର ଆଗମନ ଏ କ୍ଷେତ୍ରକୁ ଅବ୍ୟାହତ ରହିଥିବ, ଏଥିରେ ସନ୍ଦେହ ନାହିଁ ।

ପ୍ରାଧ୍ୟାପକ
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସ୍ୱୟଂଶାସିତ)
ପୁରୀ



- - -